ଜନତାର ଜୟଯାତ୍ରା





ଭୂମିକା

ମଣିଷ ବଞ୍ଚି ରହିବା ପାଇଁ ଅନବରତ ଯୁଦ୍ଧ କରି ଆସୁଛନ୍ତି । ସୃଷ୍ଟି ହେଲାଦିନଠାରୁ ମଣିଷ ସୁଖରେ ରହିବା ପାଇଁ ନାନା ପ୍ରକାର ବାଧା ବିରୁଦ୍ଧରେ ଅବିରାମ ଲଢେଇ କରୁଛି । ଥୋଡେ ଲୋକ ନିଜର ଧନ ଦୌଲତ ଓ ପ୍ରତିପତ୍ତି ଜରିଆରେ ସାଧାରଣ କୃଷି ମୂଲିଆଙ୍କୁ ଶୋଷଣ କରନ୍ତି । ଏହି ଥୋଡେ ଲୋକ ସୁଖରେ ରହନ୍ତି ଓ କୃଷି ମୂଲିଆ ଦୁଃଖରେ କାଳ କାଟନ୍ତି । କିନ୍ତୁ ଏହି କୃଷି ମୂଲିଆଙ୍କ ଭିତରେ ସବୁବେଳେ ଅସନ୍ତୋଷ ରହିଥାଏ । ସମାଜ ଏହିପରି ଧନୀ ଗରିବ ଦୁଇ ଶ୍ରେଣୀରେ ବିଭକ୍ତ ହୋଇଛି ଓ ଏହି ଗରିବ ଶ୍ରେଣୀ ଧନୀ/ଜମିଦାର ବିରୁଦ୍ଧରେ କେଉଁ ନା କେଉଁ ଆନ୍ଦୋଳନ କରୁଛନ୍ତି । ଯେତେବେଳେ ଏହି ଗରିବ ଏକାଠି ହୁଅନ୍ତି ସେତେବେଳେ ଧନୀ ଜମିଦାରଙ୍କ ବଳ କମେ ଓ ଗରିବଙ୍କର ସୁବିଧା ବଢେ ।

ଏହି କୃଷି ମୂଲିଆ ଶ୍ରେଣୀ ବା ଗରିବ ଶ୍ରେଣୀ ଦୁଃଖ ପାଇଲେ ବି ଜମିଦାର ବା ସରକାର ପରୁଆ କରେ ନାହିଁ । କୃଷି ଅସଂଗଠିତ ଭାବରେ ପଡି ଥିବାରୁ ଜମିଦାର ଶୋଷି ଚାଲେ ।

ଅନ୍ୟାନ୍ୟ ଅଞ୍ଚଳର କୃଷିମାନଙ୍କ ପରି ପଟିଅ କୃଷି ମଧ୍ୟ ସେହିପରି ମଲା ମାଇଲା ପରି ପଡିଥିଲେ । ଜମିଦାର ଶୋଷୁଛି, ବିଦେଶୀ ସରକାର ଶୋଷୁଛି । ବନ୍ଧ ଭାଙ୍ଗି ଧାନ କିଆରି ଗଣ୍ଡିକ ବି ଗଲା । ତଥାପି ହଲଚଲ ନାହିଁ ।

ପଟିଅବାସୀ ଉଠିଲେ, ମେଣ୍ଟ ଗଢ଼ିଲେ, ଦାବୀ କଲେ । ଆନ୍ଦୋଳନ କଲେ ନିଜ ଦାବୀ ହାସଲ କଲେ । ଆଜି ଏହି ବନ୍ଧ ଦ୍ୱାରରେ ସେମାନଙ୍କର ଚେତନା ହୋଇଛି ଓ ଆଜି ସେମାନେ ଏପରି ସମାଜ ଗଢି ଦେବା ପାଇଁ ଆସ୍ଥା ଲଭୁଛନ୍ତି । ଜମିଦାରୀ ପ୍ରଥା ଲୋପ କରିବେ, ଅନ୍ୟାୟ ଅତ୍ୟାଚାରର ମୂଳପୋଛ କରିବେ । ସମାଜରେ ସମସ୍ତେ ଯେପରି ସୁଖ ସମ୍ଭୋଗରେ ରହି ପାରିବେ ସେଥିପାଇଁ ଆଜି ସେମାନେ ପ୍ରସ୍ତୁତ ହେଉଛନ୍ତି ।

ଏହି ବନ୍ଧ ପକାଇବା ପାଇଁ ଗୋଟିଏ କମିଟି ହୋଇଲେ । କମିଟିର ସଭାପତି ଆଡ଼ଭୋକେଟ୍ ଶ୍ରୀ ବ୍ରଜବନ୍ଧୁ ଦାସ, ସମ୍ପାଦକ ଶ୍ରୀ ବଇକୁଣ୍ଠ ମିଶ୍ର, କୋଷାଧ୍ୟକ୍ଷ ଶ୍ରୀ ନୀଳମଣି ତ୍ରିପାଠୀ । ଅନ୍ୟାନ୍ୟ ସଭ୍ୟମାନେ ମଧ୍ୟ ଅଛନ୍ତି ।

କମ୍ୟୁନିଷ୍ଟ ପାର୍ଟିର ତତ୍ତ୍ୱାବଧାନରେ ବନ୍ଧ କାମ ହେଉଛି । କଟକଜିଲ୍ଲା କମ୍ୟୁନିଷ୍ଟ ପାର୍ଟିର ସମ୍ପାଦକ ନିଜେ ଥାଇ କାମ କରାଉଛନ୍ତି । ତାଙ୍କ ସହିତ ଅଛନ୍ତି କଟକଜିଲ୍ଲା କମ୍ୟୁନିଷ୍ଟ ପାର୍ଟିର ଅନ୍ୟାନ୍ୟ ଯୋଦ୍ଧା ସାଥୀଗଣ । ସାଥୀ ପଶୁରାମ ଦାସ, ସାଥୀ ଶରତ ମହାନ୍ତି, ସାଥୀ ଧନେଶ୍ୱର ଜେନା ।

——ପଟିଅ କଲ୍ଲର ସାଥି ନାଥ ସ୍ୱାଇଁ, ଇନ୍ଦ୍ରମଣି ସ୍ୱାଇଁ, ନଟ ସାନ୍ତରା, ଜଇ ଦାସ, ପଠାଣି ପ୍ରଧାନ, ଜଇ ସାନ୍ତରା, ବାଇଧର ପତି, ଭ୍ରମର ପ୍ରଧାନ ପ୍ରଭୃତି ।

ପଟିଆ ବନ୍ଧ କାମ ଶେଷ ହେଲେ ପଟିଅବାସୀ ସ୍ୱାଧୀନତା ଆନ୍ଦୋଳନର ମୂଳଦୁଆ ପକାଇଲେ ।

—ରାମକୃଷ୍ଣ ପତି

ଜନତାର ଜୟଯାତ୍ରା

ଆଜି ଓଡ଼ିଶାର ଗୃହପଟରେ ପଟିଆ ବନ୍ଧର କଥା । ୩୦ ବର୍ଷ ହେବ ଯେଉଁ କୁଆଖାଇ ବନ୍ଧ ଭାଙ୍ଗି ପଟିଆ ଅଞ୍ଚଳକୁ ସ୍ରୋତରେ ଭାସିଦେଉଥିଲା, ଯାହାଦ୍ୱାରା ପଟିଆବାସୀ ଭୟାତୁର ହୋଇ ଧରି ଅର୍ଦ୍ଧ ପାଣିକୁ ଜୀବନର ସାଥୀ କରୁଥିଲେ ନିଜ ମାଇପର ଲୁହର ଧାର ଦେଖି ଭଗବାନଙ୍କର ଉପରେ ବିଧାତାକୁ ଦୋଷ ଦେଉଥିଲେ, ଘରବାଡ଼ିର ମୋହ ଛାଡ଼ି ଜନ୍ମଭୂମି, ଭାଲମାଟିକୁ ପେଟ ପୋଷିବାର ଏକମାତ୍ର ସ୍ଥାନ ବୋଲି ସେଠାରେ ଧନ ବର୍ତ୍ତିଥିଲେ, ଆଜି ସେହି ପଟିଆବାସୀ ଛାତି ଫୁଲାଇ ଲମ୍ବ ପଦ ପକାଇଲେଣି—ବନ୍ଧଟି ସମ୍ପୂର୍ଣ୍ଣ ହେବା ଉପରେ ।

ସରକାର ବଦଳାଇଲେ, ଗତ କଂଗ୍ରେସ ମନ୍ତ୍ରୀମଣ୍ଡଳ (୧୯୩୭-୩୯) ଅମଳରେ ମଧ୍ୟ ପଟିଆବାସୀଙ୍କ ଦୁର୍ଦ୍ଦଶା ମେଣ୍ଟିଲା ନାହିଁ । ସଭା ଆସିଲେ, ସଭା ଗଲେ । ଖଜଣା ଟିକସ ବଢ଼ି ଚାଲିଲା, ତଥାପି ପ୍ରଜାଙ୍କର ଦୁଃଖ ମେଣ୍ଟିଲା ନାହିଁ । ଧନକୁ ଧନ ଖର୍ଚ୍ଚ ହେଲା ସିନା, ସୁଧୁରିଲା ନାହିଁ ।

ଆଜି ପଟିଆ ବନ୍ଧର ଅବସ୍ଥା କ'ଣ ? ଏହା କହୁଥାନ୍ତି ଆଜି ପଟିଆବାସୀ ଅନେକ ପୁଚ୍ଛା କାଗଜରୁ ଜାଣନ୍ତୁ । ସ୍ଥିତ—ପଥର ହେଉଛି । ଆଖିରୁ ଲୁହ ଶୁଖିଲାଣି । ଦେଶ ଗଲେ ଆଖିରେ, ପଥର—ହୃଦୟରେ ବନ୍ଧ ଦେଖି ହେଉ ନାହିଁ ବା ଛାଡ଼ି ହେଉ ନାହିଁ, ପଟିଆବାସୀଙ୍କୁ ପଚାରିଲେ ସେମାନଙ୍କ ମୁହଁରେ ଗୋଟିଏ କଥା—ଭାଗ୍ୟ ନେଇ ପଡ଼ି ରହିଛୁ ।

କୁଆଖାଇ ବନ୍ଧ ଭାଙ୍ଗିଯିବା ଫଳରେ ଗୋଟିକ ପରେ ଗୋଟିଏ ଘାଇ ମେଲ ହେଲା—ଉତ୍ତର ଘାଇ—ମଦନପୁର ଘାଇ—ଟଙ୍କାପଡ଼ିଆ ଘାଇ—

କେଲାଣପୁର ଘାଇ—ଉଦ୍ଧୀପାଠଣା ଘାଇ। ୩୦ ବର୍ଷ ଭିତରେ ଦେଢ଼ହଜାର ଏକର ଜମିରେ ବାଲି ଚଢ଼ିଛି। ଏହି ଜମିର ଫାଗୁଣ ଧାନକ୍ଷେତକୁ ମନେ ପକାଇ ଆଜି ମଧ୍ୟ କଲାଣପୁର, ଠାଙ୍ଗୀବନ୍ତ, ବରମୁଣ୍ଡ। ଗୃହୀର ଛଳଛଳ ଆଖିରୁ ଲୁହ ଗଡ଼ି ପଡ଼େ।

ପାନ ଛହ ଏକର ଜମି ନଦୀରେ ଗଲା। ଦେଢ଼ହଜାର ଏକର ଜମି ବାଲି ଚଢ଼ିଛି। ପ୍ରତିବର୍ଷ ପଟିଆ ଗହ୍ୱରକୁ ଦେଖିଲେ ଶଲଭା ବୋଲି ମନେ ହୁଏ। ପ୍ରତିବର୍ଷ ବଢ଼ି ହୁଏ; ପ୍ରତିବର୍ଷ ଧୋଇଯାଏ ବାଲି ଚଢ଼ିଯାଏ। ଗୋଟିଏ ବେଣ୍ଡା ହେଲେ ଗୃହୀ ପାଏ ନାହିଁ, କିନ୍ତୁ ଯେ ଗୃହୀ ଜମିଠାରୁ ଦିଏ ତାର ଅଣ କିଛି ନାହିଁ। ପ୍ରତିବର୍ଷ ହଳ କରେ, ଧାନ ବୁଣେ। ଶାସ୍ତି ତାର ଦଶା କ'ଣ? ଏଇ ପଟିଆବାସୀ ସର୍ବସ୍ୱାନ୍ତ। ଜମିରୁ ଧାନ ପାଏ ନାହିଁ ଅଥଚ ଖଜଣା ଦିଏ, ଟିକସ ଦିଏ, ପଞ୍ଚାୟତ ଦିଏ। ଜମିଦାର ତାର ଖଜଣା ଟିକସ ଛାଡ଼େ ନାହିଁ। ବାଲିଚର ଜମିରୁ ମଧ୍ୟ ଟୁଟି ଧରି ଖଜଣା ଆଦାୟ କରେ।

ଆଗେ କଣ ଥିଲା?

ବଢ଼ ଭାଙ୍ଗିବା ପୂର୍ବରୁ ପଟିଆ କନ୍ଧାର ଗୃହୀ ସୁଖସ୍ୱଚ୍ଛନ୍ଦ୍ୟରେ ଚଳୁଥିଲେ। ଜମିଦାର ଜୁଲୁମ ସତ୍ତ୍ୱେ ତାର ପେଟଗଣ୍ଡାକ ଅସୁବିଧା ରହୁ ନ ଥିଲା। ପଟିଆକନ୍ଧା ସଦର ସବଡିଭିଜନର ଗନ୍ତାଘର ବୋଲି ବିବେଚିତ ହେଉଥିଲା। ଏକର ପିଛା ଶାରଦ ଧାନ ବାଲେଶ୍ୱରୀ ୨୦ ମହଣ, ବଇଲା ଧାନ ବାଲେଶ୍ୱରୀ ୧୫ ମହଣ, ଡାଲି ଜାତୀୟ ବାଲେଶ୍ୱରୀ ୫ ମହଣ ଅମଳ ହେଉଥିଲା। କଥାରେ ଅଛି ଗୃହ ନ କର ପଟିଆ ଗହ୍ୱରରେ ଧାନ ବୁଣିଲେ ସୁନା ଫଳେ; କିନ୍ତୁ ଏଇ ଚଉଦ ମହଣ ଦୂରର କଥା, ଚଉଦ ସେର ମଧ୍ୟ ମିଳୁ ନାହିଁ। ମିଳିବ କିପରି?—ଜମିରେ ବାଲି ହେଲା—ପ୍ରତିବର୍ଷ ଧୋଇଗଲା—ବନ୍ୟା

ଯାଉ ବା ଚାଷୀ ଅଧିକ କେଉଁଠି । ଜନ୍ମଭୂମି ଚାଷୀ ଗରିବରୁ ଗରିବ ହେଲା । ଧୂଳି ଲଗିଲା ଏଡ଼ିକି । କଲିକତା, ଢାକାମାଟି ତାର ହେଲା ଅନ୍ନପୂର ସ୍ଥଳ । ଏହା ଫଳରେ ଓଡ଼ିଆର ସାମାଜିକ ଜୀବନ ଛାରଖାର ହୋଇଗଲା । ଓଡ଼ ଅପୂର୍ବ ଉଦ୍ୟମର ଦଳାଦଳି କଳିକଜିଆ ଓଡ଼ିଅଞ୍ଚଳର ଘରଦ୍ୱାରରେ ହୋଇ ଉଠିଲା । ଏପରି କି ଗୋଟିଏ ଗୋଟିଏ ଗାଁ କେବଳ ମାଲ୍‌ମକଦ୍ଦମାକୁ ନିଜର ଜୀବିକା ବୋଲି ଧରି ନେଲେ ।

ଓଡ଼ିଅଞ୍ଚଳରେ ନ ଥିଲା କ'ଣ ? ଠାକୁରବନ୍ଧର ପାଇକଖେଳ, ରଘୁନାଥପୁରର ପାଇକ-ବାହୁଜା—ଏମାନଙ୍କର ବୀରତ୍ୱ ଯୋଗୁଁ ଯେ ଦିନେ ବ୍ରିଟିଶ ସରକାର ଘୋଡ଼ାଠାରେ ମରଣ ଡାକ ଶୁଣି ପାରୁଥିଲା ଏଥିରେ ସନ୍ଦେହ ନାହିଁ । କିନ୍ତୁ ଯାଉଛି ତା ସାଙ୍ଗେ ସାଙ୍ଗେ କଳା ମଧ୍ୟ ଯାଉଛି । ଆଜି ଏମାନଙ୍କର ସେ ବୀରତ୍ୱ ନାହିଁ—ସେ ଅସ୍ତ୍ର-ଗରିମା ନାହିଁ—ନିଜ ଭିତରେ ଦଳାଦଳିରେ ଏମାନେ ବ୍ୟସ୍ତ । କେବଳ ସେତିକି ନୁହେଁ, କଲ୍ୟାଣପୁରର ପଠାଣୀ ପ୍ରଧାନର କଥା କିଏ ନ ଜାଣେ ? ବୋଠଦେଶ ମଧ୍ୟରେ ତାଙ୍କ ପରି ଜଣେ ଓସ୍ତାଦ ଗାୟକ ଓ କବି ଖୁବ ବିରଳ । କିନ୍ତୁ ଆଜି ଓଡ଼ିଅଞ୍ଚଳରୁ ସେ କଳାକୁ ଲିଭିଯାଉଛି । ଏପରି କଣ୍ଠରେ ଯାତ୍ରା ହେବ ନାହିଁ । ପାଠଚଉରା ପାଠପଢ଼ା ପାଞ୍ଚ, ମାଘସପ୍ତମୀ ଲଗା ଆଉ ପାର୍ବଣରେ ଉତ୍ସବ ହୁଏ ନାହିଁ । ଓଡ଼ିଆର ପକ୍ଷୀବାଲା, ମାଘସପ୍ତମୀ ପିଠା ଆଉ ପଶ୍ଚିମ ମଙ୍ଗଳବାରର ଧନ ଉତ୍ତୁଳା ହୁଳହୁଳି ହୁଏ ନାହିଁ । ଭିଟେଶ୍ୱର ମହାଦେବଙ୍କର ମାଘଶାରେ ଉତ୍ସବ ନାହିଁ -- ଆନନ୍ଦ ନାହିଁ — ସଙ୍ଗୀତ ବି ନାହିଁ । ପୂର୍ବେ ବରମୂର୍ତ୍ତି, ଜଳାସ୍ୱାହାଙ୍କ ପ୍ରଭୃତିରେ ଯେଉଁ ଚନ୍ଦନଯାତ୍ରା ହେଉଥିଲା, ସେଥିରେ ଗାଁ ଲୋକଙ୍କର ଏକତ୍ରମେଳ, ଏକମନ ଦେଖା ଯାଉଥିଲା । ଗ୍ରାମ୍ୟଜୀବନର ସଂସ୍କୃତି, ଯୁବକର ଉଦ୍ୟମ ସରସତାରେ ପୂରି ଉଠୁଥିଲା ଏହି ଭଜନ ଓ ଢୋଲବାଦ୍ୟ । ଆଜି ସେ ଭଜନ ବି ନାହିଁ କି ଢୋଲବାଜ ବି ନାହିଁ ! କେଉଁଠି ଅଛି ସେଠି ଏହି ଯାତ୍ରା ନାହିଁ

ମାରପିଟ, ଦଳାଦଳି । ଶତ୍ରୁତା ଓ ସରସତା ବ୍ୟସନ ଓ ଘୃଣ୍ୟ-ଚରିତ୍ରରେ ପରିଣତ ହୋଇଛି ।

ଶିକ୍ଷାର ପ୍ରସାର ପାଇଁ ଅତି ଗୁରୁଅଟେ ଅନୁଭୂତ ହୋଇଥାଉ ଥିଲେହେଁ ସାରା ପଟିଅଞ୍ଚଳରେ ଗୋଟିଏ ଅପର ପ୍ରାଇମେରୀ ସ୍କୁଲ୍ ହୋଇଲେ ନାହିଁ; କେବଳ ନାମକୁ ମାତ୍ର ଏବେ ନେଳେଠାନ ହୋଇ ଗୋଟିଏ ଧୂଇଟି ରହିଛି । ଅସ୍ତିତ୍ୱହୀନତାର ପରିଚୟଙ୍କୁ ଦେଖିଲେ ମନେ ହୁଏନା ଯେ ଏମାନେ ଏହି ମଣିଷ ଜାତର ।

ଝିଅ ବୋହୂଙ୍କ କଥା ବା କ'ଣ କହିବା । ଏମାନଙ୍କର ନାଁ ଅଛି ଶିକ୍ଷା ଦୀକ୍ଷା ବା ନା ଅଛି ଯୌବନ । ଗ୍ରାମ୍ୟବାଳିକାର ଯେଉଁ ଉଚ୍ଛଳ ଓ ଉଜ୍ଜ୍ୱଳ ସୁଠାମ ଦେହଭଙ୍ଗୀ ଥାଏ ଏମାନଙ୍କଠାରେ ତାହା ଶୂନ୍ୟ । ଜୀବନ ନାହିଁ—ସ୍ତ୍ରୀଜାତିର ଏମାନେ ଗୋଟିଏ ଲେଖାଏଁ ବ୍ୟଙ୍ଗଚିତ୍ର ମାତ୍ର ।

ଏମାନଙ୍କ କଥା ଲେଖିଲା ବେଳେ ମନେ ପଡ଼ିଯାଏ ଗୃଷୀ ମଲ୍ଲିଅର ଦେଶ ସୋଭିଏଟ ରୁଷର କଥା । ସେଠାକାର ଝିଅ ବୋହୂମାନେ ଦେଖିବାକୁ ଯେପରି ସୁନ୍ଦର ସୁଠାମ ସ୍ୱାସ୍ଥ୍ୟବାନ ସେପରି ଜୀବନରେ ଭରା, ମନ ମଧ୍ୟ ସେହିପରି ଠିକ୍ ଉତ୍ସାହ ଓ ଆଦର୍ଶରେ ଅନୁପ୍ରାଣିତ । ସୋଭିଏଟର ଝିଅ ବୋହୂ ଜାଣନ୍ତି ଯେ ଦେଶର ସଭ୍ୟତା, ଦେଶର ଉନ୍ନତି ଓ ଚରିତ୍ର ସେମାନଙ୍କ ଉପରେ ନିର୍ଭର କରେ । ସେଥିପାଇଁ ପୁରୁଷ ସହିତ ସେ ତାଳ ରଖି ଚାଲେ; ଅପର ଗୃହିଣୀ ଭାବରେ, ମା ଭାବରେ ପୃଥିବୀର କୌଣସି ସ୍ତ୍ରୀ ତାଠାରୁ ପଛେଇବେ ନାହିଁ । ଦେଶପାଇଁ ସେ କେବଳ ଘରେ ତା ନୁହେଁ, ଦେଶ ପାଇଁ ମଧ୍ୟ ଭାବି କରେ । ଏହାର ଅର୍ଥ ନିଜ ଘରର ଉନ୍ନତି ପାଇଁ ଧ୍ୟାନ ଦେବା ଦ୍ୱାରା ସେ ନିଜକୁ ଯେପରି ଆଦର୍ଶ କରେ ଅନ୍ୟମାନଙ୍କୁ ମଧ୍ୟ ସେହିପରି ଅନୁପ୍ରାଣିତ କରଏ ।

ଆଜି ପଟିଆ ବିଲର ଅବସ୍ଥା ଅତି ଶୋଚନୀୟ । ଭାରତ ଅମର ଯେଉଁ ସମାଜ ଅଛି ସେ ସମାଜରେ ମଣିଷର ଅଟକୁ ଚଢ଼ିବାର ବା ଭଲ ମଣିଷ ହବାର ଅନ୍ୟ କଥାରେ କହିବାକୁ ଗଲେ ନୂଆ ସମାଜ ଗଢ଼ିବାରେ ଉପାୟ ବା ସୁବିଧା ନାହିଁ । ଜମିଦାର ଶୋଷେ, ମହାଜନ ଶୋଷେ, ବିଦେଶୀ ସରକାର ଲୁଟ କରେ, କୃଷୀ ଉପରେ ଶୋଷଣ-ଚକ୍ର ଚଳେ ସେଥି ହୋଇ ଯା ଦୁର୍ଦ୍ଦଶା କରେ । ଶିକ୍ଷାଦୀକ୍ଷା, ଚିକିତ୍ସା, ଖେଳ ଘର ବା କ୍ଲବ ଅଛି ? ସାମାନ୍ୟ ଦୁର୍ବଳ ଦେହ ପୋଷ ଭାତ ଯାହାକୁ ଜୁଟେ ନାହିଁ, ଦୁଧ ଘିଅ କିଏ ନେବ, [illegible] ନ ଦେଇ ଜମିଦାର, ମହାଜନର କରଜ ଶୁଝିବାରେ ଯାଇ କରେ ସେଥିରେ ସମାଜର ଲୋକେ ମଣିଷ ହେବେ କିପରି ? ଏହି ଅତ୍ୟାଚାର ବିରୁଦ୍ଧରେ, ଶୋଷିତ କୃଷିକୁଳ ସଙ୍ଗରେ, କ୍ରୋଧରେ ଗର୍ଜି ଉଠିଛି । ଜମିଦାର, ମହାଜନ, ସାହୁକାର, ବୃଟିଶ ଶାସକ ଗଣ—ନିଜ ହାତରୁ ଶାସନ ଅଧିକାର । ପଟିଆବାସୀ ମଧ୍ୟ ଆଜି ସେହି ପଥର ପଥିକ । ସେ ମଧ୍ୟ ଆଜି ଅତ୍ୟାଚାର, ଦାରିଦ୍ର୍ୟ ଦୂରିବାକୁ ନାରାଜ ।

ଇତିହାସ—

ଏହି ପଟିଆ କଥା କହିଲାବେଳେ ପଟିଆର ସଂକ୍ଷିପ୍ତ ଇତିହାସ କହି ରଖିବା ଉଚିତ ।

୧୮୦୩ ରେ ଇଂରେଜ ସରକାର ଓଡ଼ିଶା ଦଖଲ କରିବା ପୂର୍ବରୁ ଏହି ପଟିଆର ନାମ ଥିଲା ସାରଙ୍ଗଗଡ଼ [ମିଉନିସ ରିପୋର୍ଟ] । ଖାଲକୋ, ସଙ୍କଟର ସହର ଠାରୁ ନେଇ ସମୁଦ୍ର ପର୍ଯ୍ୟନ୍ତ ପଟିଆର ରାଜତ୍ୱ ଥିଲା । ପଟିଆ ଅଧୀନରେ ୩୧ଟି ଜମିଦାରୀ ଥିଲା । ଏହି ଜମିଦାରୀ [illegible] ଥିଲା । ଆକବରଙ୍କ ଅଧୀନରେ ରାଜା ମାନସିଂହଙ୍କ ନେତୃତ୍ୱାଧୀନରେ ଏହି କିଲ୍ଲାଟି ସ୍ଥାପିତ ହୋଇଥିଲା । [illegible] ସମୁଦ୍ରକୂଳ [illegible] ମାହାଲ

ଗୁଡ଼ିକ ଝିଲେଖକଙ୍କ କେବେ ବନ୍ଦୋବସ୍ତ କରି ନ ଥିଲେ, ତେଣୁ କେବଳ ସାଧାରଣ ପେସ୍‌କସ୍‌ ଏହି ମହାଲରୁ ଆଦାୟ ହେଉଥିଲା । ମରହଟ୍ଟା ଅମଳରେ ତହସିଲଦାର ବା ଖଜଣା ଆଦାୟକାରୀମାନେ ଗୋଟିଏ ଗୋଟିଏ ଜମିଦାରୀର ମାଲିକ ହୋଇଗଲେ ଓ ପଟିଆ ବା ସାରଙ୍ଗଗଡ଼ କ୍ରମେ ଶ୍ରେଷ୍ଠ ହୋଇ ଆସିଲା ।

ଇଂରେଜ ଶାସନ ଭିତରେ ଏହି ରାଜ୍ୟ ଅନ୍ତର୍ଭୁକ୍ତ ଯାଇବେ ଜମିଦାରୀଟି କୁପରିଚାଳନା ହେତୁ ନିଲାମ ହୋଇଯିବା ପରେ ପଟିଆ ରଜା ହଜରୀ ଓ ବହୁରୂପୀ ଦୁଇ ପ୍ରଗଣାକୁ ସରକାରଙ୍କୁ ଦେଇ ବାକିତକ ନିଷ୍କର କରାଇ ନେଲେ । ସେହିଦିନଠାରୁ ପଟିଆ କିଲ୍ଲା ନିଷ୍କର ମହାଲରୂପେ ରହିଅଛି ଓ କ୍ରମେ ଏହାର ଅବନତି ଘଟିଯାଇ ବର୍ତ୍ତମାନ କେବଳ କଟକ ସଦର ୧୫ ନମ୍ବର ୟୁନିଅନଟି ପୂର୍ବମାଦାରେ ଓ ୧୧ ରୁ ଅଳ୍ପ କେତେକ ଅଞ୍ଚଳ ଭିତରେ ଆବଦ୍ଧ ରହିଛି ।

ଏ ସମୟରେ [ମୋଗଲ ସମୟରେ] ପ୍ରଜା ଜମି ଉତ୍ପାଦନର ୬ ଭାଗରୁ ଭାଗେ ରାଜସ୍ୱ ଦେଉ ଥିଲେ । କିନ୍ତୁ ତା ବଦଳରେ ଜଳସେଚନର ବ୍ୟବସ୍ଥାର ସୁଯୋଗ ପାଉ ଥିଲେ । କେବଳ ସେତିକି ନୁହେଁ, ଖୋଲା ମରୁଡ଼ି ସମୟରେ ମଧ୍ୟ ରାଜସ୍ୱରୁ ଅବ୍ୟାହତି ପାଉଥିଲେ ।

ଆଜି କଣ ହୋଇଛି ?

ଅଛି ଏ କିଲ୍ଲାରେ ଆବାଦ ଜମିର ପରିମାଣ ୫୭୭୩ ଏକର । ଜମିର ଖଜଣା ବାବଦକୁ ରଜା ନିଏ ଟ ୧୭୦୫୮/୩, ପରଗଣାର ବାବଦକୁ ନିଏ ଟ ୨୮୭୯/୬, ଏହା ବାଦ ଜଙ୍ଗଲ ଜମିର ଖଜଣା ଏକର ପ୍ରତି ଟ ୦ ୫ ରୁ ଅଧିକ କେଉଁଠି ନିଆଯାଏ । ଜଙ୍ଗଲ କର ବାବଦକୁ ବାର୍ଷିକ ୭ହଜାର ଟଙ୍କାରୁ ଅଧିକ ଓ ଅନ୍ୟାନ୍ୟ ଦୁଇହଜାର ଟଙ୍କା । ତେଣୁ ସର୍ବମୋଟ ଆୟ ହୁଏ ପ୍ରାୟ ଟ ୧୯୫୦୦୮ ।

ଏହି ଟ ୧୯୫୦୦୯ ର ଅନୁବାଦ ଦାଖଲ ଖାରଜ ଫିସ୍ ଟଙ୍କା ସୁଦ୍ଧ ଅଭାବ ଓ ତା ସହିତ ଅମଲ ଖାଜଣା, ଚୁରସ୍ୱତ୍ୱ, ଭେଟି ଓ ଅଧିକାଂଶ ସ୍ଥଳେ ଗଛମାଛ ଯେବାସୂତ୍ର ବାବଦ ପାଉଣା ମଧ୍ୟ ଅଛି ।

ଉକ୍ତ ସରକାରଙ୍କୁ ପେଶକସଟି ଛଡ଼ା ଅନ୍ୟ କିଛି ଦଅନ୍ତି ନାହିଁ । ମେନେଜର, ତହସିଲଦାର ଓ ଗେର ଓ କାଗଜପତ୍ର ଆଦି ନେଇ ବାର୍ଷିକ ୨ ହଜାର ଟଙ୍କାରୁ ବେଶୀ ଖର୍ଚ୍ଚ ହୁଏ ନାହିଁ । ତେଣୁ ପ୍ରାୟ ୧୭ ହଜାର ଟଙ୍କା ସେଇଠୋଉ ସିଧାସଳଖ ଜମିଦାରଙ୍କ ଟ୍ରେଜେରୀକୁ ଯାଏ । ଏହି ୧୭ ହଜାର ଟଙ୍କାରୁ ପଇସା ପାହୁଲାଏ ହେଲେ ଜମିଦାର ପଟିଅବାସୀଙ୍କ ପାଇଁ ଖର୍ଚ୍ଚ କରନାହାନ୍ତି ବା କରନ୍ତି ନାହିଁ । ସେମାନଙ୍କ ପାଇଁ ସ୍କୁଲ୍, ଡାକ୍ତରଖାନା, ରାସ୍ତା, ବନ୍ଧ, କୂଅ, ପୋଖରୀ କରିବାର ତ ଦୂରର କଥା, ବରଂ ବେଠି ଉପରେ ବୋଝବା ମାଡ ପରି ନାନାପ୍ରକାର ଜୁଲୁମ୍ ଅତ୍ୟାଚାର କରୁଥାଏ । ସେ ଟଙ୍କାରେ ଜମିଦାର ମଟର ଉପରେ ମଟର, ଘୋଡା ଉପରେ ଘୋଡା, ମଉଜ ମଜଲିସରେ କଟାନ୍ତି, କିନ୍ତୁ ଚାଷୀ ବାଡ଼ୁଆଏ ଖୋରାକି ମୁଠାଏ ଯୁଟା ପାଆନ୍ତି ନାହିଁ ।

୨

ଏତ ଗଲା ଅସୁବିଧାର ହିସାବ । ପଟିଅ କିଲ୍ଲାରେ ଥିବା ଚାଷୀମାନଙ୍କର ଅବସ୍ଥା କଣ ? ପଟିଅ କିଲ୍ଲାର ୧୨ ହଜାର ଲୋକସଂଖ୍ୟା ଓ ଅଢ଼େଇହଜାର ପରିବାର ମଧ୍ୟରୁ ଏକ ଏକରରୁ କମ୍ ଜମିଥିବା ଲୋକଙ୍କ ସଂଖ୍ୟା ହାରାହାରି ଶତକଡ଼ା ୪୦, ପାଞ୍ଚ ଏକରରୁ କମ ହାରାହାରି ଶତକଡ଼ା ୨୬, ଭୂମିହୀନ ଶତକଡ଼ା ୨୦ ଓ ପାଞ୍ଚ ଏକରରୁ ଊର୍ଦ୍ଧ୍ୱ ଜମି ଥିବା ଲୋକଙ୍କ ସଂଖ୍ୟା ଶତକଡ଼ା ୧୪ । ଅନାବାଦୀ ଜମିର ପରିମାଣ ୩୦୦୦ ଏକର । ଜଙ୍ଗଲ ୮୦ ଏକର । (କମ୍ୟୁନିଷ୍ଟ ପାର୍ଟିଦ୍ୱାରା ହୋଇଥିବା ହିସାବ କିତାବରୁ ଗୃହୀତ ।)

ସାରା ପଟିଅ କିଲ୍ଲାରେ ବଡ଼ ଚାଷୀ ୬ ଜଣ । ଭାଗ କରିଦେଲେ ଅବାଦ ଜମି ହିସାବ ପରିବାର ପିଛା ପଡ଼ିବ ଦୁଇ ଏକରରୁ ଅତି ସାମାନ୍ୟ

ଅଧିକ । ଏଥିରୁ ଦେଖାଯିବ ଯେ ଲୋକଙ୍କର ଅବସ୍ଥା କେତେ ଖରାପ ଏକରରୁ କମ ଥିବା କେତକର ସଂଖ୍ୟା ଲୋକସଂଖ୍ୟାର ପ୍ରାୟ ଅଧେ । ଭୂମିହୀନ ଲୋକ ସଂଖ୍ୟା ପ୍ରାୟ ଲୋକସଂଖ୍ୟାର ଏକ ଚତୁର୍ଥାଂଶ ।

ଯଜ୍ଞ ଓଡ଼ିଆ ଅଞ୍ଚଳର ଲୋକଙ୍କର ଏପରି ଦୁର୍ଦ୍ଦଶା ହୋଇଛି ତାହାର (୧) କଂସାଇ ନଦୀ (ଓଡ଼ିଆ ନଈ) ୩୦ ବର୍ଷ ହେଲା ଭାଙ୍ଗି ଯାଇଥିବା ପ୍ରତିବର୍ଷ ଧୋଇଯାଏ ଓ ଜମିବାଲି ହୋଇଯାଏ । (୨) ଜମିଦାର ଜୁଲୁମ (ଖଜଣା ବୃଦ୍ଧି, ବେଆଇନ ପାଉଣା ଇତ୍ୟାଦି) । (୩) ଲୋକଙ୍କର ଚେତନା ଓ ସଂଗଠନର ଅଭାବ । (୪) ସରକାରୀ ଅବହେଳା । (୫) ୧୯୪୩ ଦୁର୍ଭିକ୍ଷ ଓ ୧୯୪୪ ଖାଦ୍ୟ ସଙ୍କଟ ।

ଜାଗରଣର ଆରମ୍ଭ

୧୯୪୪ ମସିହା ସେପ୍ଟେମ୍ବର ପହିଲି, କଟକ ସହରରେ କୃଷକ ଦିବସ ପାଳନ । ଶହ ଶହ କୃଷକ ଚାଲିକି ଆସି ମ୍ୟୁନିସିପାଲିଟି ପଡ଼ିଆରେ ସଭା କରୁଥାନ୍ତି । ଶଙ୍କରପୁରର କୃଷକ ଭାଇମାନେ ନାଲିଝଣ୍ଡା ଧରି ଶୋଭାଯାତ୍ରା କରି ସେ ଦିନ କୃଷକ ଦିବସକୁ ସବୁଠାରୁ ସୁନ୍ଦର କରିଥିଲେ । ଓଡ଼ିଆ ଅଞ୍ଚଳର ଶହ ଶହ କୃଷକ ଭାଇ ସେମାନେ ଆସି ସେମାନଙ୍କର ଦୁର୍ଦ୍ଦଶା ଓଡ଼ିଆ ରେ କଥା ସଭାରେ ବର୍ଣ୍ଣନା କଲେ । ସେହିଦିନ ଠାରୁ କମ୍ୟୁନିଷ୍ଟ ପାର୍ଟି ଓଡ଼ିଆରେ କାମ ଆରମ୍ଭ କଲା । କେବଳ ଏଥିରେ ଆନ୍ଦୋଳନ, ସଭା ସମିତି, କୃଷକ କମିଟି ଗଠନ କାମ ଆରମ୍ଭ ହେଲା । ୧୯୪୩ ମସିହା ଦୁର୍ଭିକ୍ଷ ବେଳେ ଓଡ଼ିଆ ଅଞ୍ଚଳକୁ ସରକାର ଯେଉଁ ଅବହେଳା କରିଥିଲା ଏବଂ ତାହା ହେତୁ କେତେ ଲୋକ ଦୁର୍ଭିକ୍ଷରେ ପ୍ରାଣ ଦେଇଥିଲେ । ୧୯୪୪ରେ କମ୍ୟୁନିଷ୍ଟ ପାର୍ଟି ନେତୃତ୍ୱରେ କୃଷକର ସଂଗଠନ ଓ ସେଥିଯୋଗୁଁ ଓଡ଼ିଆ ଅଞ୍ଚଳରେ ଧାନ ଗୋଲା ଖୋଲା ହେଲା, ଏବଂ ଅନେକ ପରିମାଣରେ ଲୋକେ ବଞ୍ଚିଗଲେ

ଏହା ସତ୍ତ୍ୱେ ବନ୍ଦ ଆନ୍ଦୋଳନ ମଧ୍ୟ ଚାଲିଥାଏ । ଏ ବନ୍ଦ ଆନ୍ଦୋଳନ ହେବା ବେଳେ କେତେକ ଲୋକ କମ୍ୟୁନିଷ୍ଟ ଲୋକଙ୍କୁ ପାଗଳ ବୋଲି ଭାବୁଥାନ୍ତି । ଯେଉଁ ବନ୍ଦ ସରକାର ପକ୍ଷରୁ ପାଳନ ନାହିଁ, ଯେଉଁ ବନ୍ଦ କଥା ୧୯୬୭ ମସିହାର କଂଗ୍ରେସ ମନ୍ତ୍ରୀମଣ୍ଡଳ ମଧ୍ୟ ଶୁଣିନାହିଁ, ସେହି ୨ ମାସର ବ୍ୟାପୀ ଏବେ ବଡ଼ ବଡ଼ କମ୍ୟୁନିଷ୍ଟମାନେ ବା ମାର୍କସ୍ବାଦୀ ଗୃହୀ ଭଳି ହେବେ ଏ ବିଶ୍ୱାସ କେତେକ ଲୋକଙ୍କର ହେଉନାହିଁ । କିନ୍ତୁ କମ୍ୟୁନିଷ୍ଟମାନେ ଜାଣେ, ତା ଅଭିଜ୍ଞତାରୁ ସେ ଶିଖିଛି ଯେ ଲୋକ ସଂଗଠନ ଭିତରେ, ଗୃହୀ ମଣିଷର ମେରୁଦଣ୍ଡରେ ଅସମ୍ଭବ ସମ୍ଭବ ହୋଇ ପାରେ । ରୂପରେ ଏହା ସମ୍ଭବ ହୋଇଛି ଓ ପ୍ରତିଦିନର ଘଟଣା ମଧ୍ୟ ଏହା ପ୍ରମାଣ କରୁଛି ।

ଜନସାଧାରଣଙ୍କର ଦାବୀ ଓ ସମାଲୋଚନା ସଂଗଠନକୁ ବଳଶାଳୀ କରେ—ଆନ୍ଦୋଳନକୁ ଆଗେଇ ନିଏ—ନିଜ ଭିତରେ ଶକ୍ତି ହୁଏ—ଓ ଅନ୍ୟମାନଙ୍କର ଶକ୍ତି ବଢ଼ାଇବା ପାଇଁ ଶିକ୍ଷା ଦିଏ । ଜନସାଧାରଣଙ୍କର ଆନ୍ଦୋଳନକୁ ଉତ୍ସାହିତ କରିବା ପ୍ରତ୍ୟେକ ଗଣତନ୍ତ୍ରବାଦୀର ଧର୍ମ । ଯେଉଁମାନେ ଲୋକ ଆନ୍ଦୋଳନକୁ ନାପସନ୍ଦ କରନ୍ତି, ସେମାନେ ଗଣତନ୍ତ୍ର ବିରୋଧୀ ଓ ଲୋକସ୍ୱାର୍ଥ ବିରୋଧୀ ।-ସ୍ୱରୂପ ଅଛିନାହିଁ । ଆଜି ଗଣଆନ୍ଦୋଳନ ହେଉଛି । ପଶ୍ଚିମ ବଙ୍ଗ ଭାରତର ସବୁଠୁ ସଚେତ ଅଞ୍ଚଳରେ ଆନ୍ଦୋଳନର ରୂପର ମଜବୁତ ହେଲେ ଦେଶରେ ବସନ୍ତ ବୁଝାଇ ଅଗାଡ଼ି ବଢ଼ିଯାଏ ସରକାରର ସମସ୍ତ ଚକ୍ରାନ୍ତ ପଣ୍ଡ ହେବ ଓ ନେଇ ଯୋଗ୍ୟ ଉତ୍ତର ଦେବ ହୋଇଯିବ ।

ବନ୍ଦ ପଛରେ—ଅର୍ଥାତ୍ ସମ୍ପୂର୍ଣ୍ଣ ହେବ—ଗଣ ଆନ୍ଦୋଳନ, ଲୋକ ସଂଗଠନର ଜନ୍ମ ହେଲା—କେବଳ ଦୋକାନ ବନ୍ଦ ପାଳନ ନୁହେଁ—କେବଳ ଯେ ଜନତା ତାର ଶକ୍ତି ଉପରେ ବିଶ୍ୱାସ କଲା ତା ନୁହେଁ—ସଚେତନ ହୁଏଲା—ସରକାରକୁ ସେ ନିଜ ଜନ ବଳ ଜାଣିବ ବୋଲି ମଧ୍ୟ ପ୍ରତ୍ୟୁତ୍ତର କଲା—ଗାଁ ଗାଁ ବଢ଼ିବା ଭଳିଷ ଗଢ଼ିଲା—ମୁକ୍ତିଯୁଦ୍ଧର

ଗ୍ରାହକ ହେଉ—ବନ୍ଧ ପତ୍ର କରି ଦେଶ ବଡ଼ଦେଶର ସ୍ୱାର୍ଥରେ କଣ ହେବ ପଡ଼ି ବୁଝିଲା—ବୁଡ଼ି ତାର କାଳ ପାଣି ପଣ୍ଡ ଦେଲା, ପାଣିରୁ ପ୍ରବଳ ବଳ [illegible] ଠାଇଁ ବନ୍ତ, କଲ୍ୟାଣପୁର, ବଦମୁଣ୍ଡ, ଲାଲବାହାଦୁର ଗଡ଼ିଲେ—ଗାଁରୁ [illegible] ବିଭେଦ ଦୂର କରିବା ପାଇଁ ଏକ ଗାଁର ଯୁବକ ବାହାରିଲେ—[illegible] ସେହାଙ୍କର ଲୋକେ ସ୍କୁଲ ଘର ତିଆରି କରିଛନ୍ତି—ଲୋକଙ୍କ ଭିତରେ ଅ[illegible] ନୂଆ ଚେତନା ।

ବର୍ତ୍ତମାନ ଦାବୀ

ଆଜି ଚଟିଅଞ୍ଚଳର ଲୋକଙ୍କର ଯେଉଁ ଦୁର୍ଦ୍ଦଶା ସେଥିରେ [illegible] ଶୀଘ୍ର ସେମାନଙ୍କର ଅବସ୍ଥାର ପରିବର୍ତ୍ତନ ପାଇଁ ପ୍ରଚାର ହେବା ଉଚିତ ।

୧) ବନ୍ଧ ଏ ପର୍ଯ୍ୟନ୍ତ ଶେଷ ହୋଇନାହିଁ—ଏହାକୁ ସମ୍ପୂର୍ଣ୍ଣ [illegible] ସୁଦୃଢ଼ କରିବା ପାଇଁ ଅନ୍ତତଃ ଦଶ ହଜାର ଟଙ୍କା ଅତି ଶୀଘ୍ର 'ଦରକାର' ମାନ୍ୟବର ମନ୍ତ୍ରୀ ମହୋଦୟ ମନ୍ତ୍ରୀ ହେବାର ପୂର୍ବରୁ ଏ ବିଷୟରେ ସେହି ପ୍ରକାରେ ଟଙ୍କା ପ୍ରତିଶ୍ରୁତି ଦେଇଥିଲେ ।

୨) ଅନ୍ତତଃ [illegible] ପାଇଁ [illegible] ମୁଖ୍ୟ [illegible] ଦେଥିରେ ଅନୁମାନ [illegible] ତିନି ହଜାର ଟଙ୍କା ଲାଗିବ ।

୩) [illegible] ଦୂରବସ୍ଥା ଯାହା ସେଥିରେ [illegible] ଖୋଲା [illegible] ବନ୍ଦ ରହୁ ।

୪) [illegible]

୫) ୩୦୦୦ ଏକର [illegible] ଜମି [illegible] [illegible] ଦେବା ।

୬) ଝିନା ଖତ ପୂରଣରେ ଜମିଦାରୀ ଲୋପ କରଯାଉ ।

୭) ଗୋଟିଏ ମାଇନର ସ୍କୁଲ ବସାଯାଉ ।

୮) ପଟିଅର ଜଳାଭାବ ଦୂର କରିବା ପାଇଁ କୂଅ ଖୋଳି, ବାନ୍ଧମା ...ରେ ଜଳଭଣ୍ଡାରମାନ କରି ଜଳ ଯୋଗାଇବାର ବ୍ୟବସ୍ଥା କରଯାଉ ।

ପଟିଅଞ୍ଚଳର ଅସୁସ୍ଥ ସ୍ୱଚ୍ଛଦେଶ ଏକ ଅନୁମାଂଶ ଯଦି ପଟିଅବାସୀଙ୍କ ... ହେଉଥାଆନ୍ତି, ତେବେ ସମ୍ପୋଷୀ ବହୁତ ଭଲରେ ଥାଆନ୍ତେ— ... ହୁଅନ୍ତା, ସବୁଯାଏ ଜମିଦାର ... ଟିକ୍ସ—ଦେଇଥିବାରୁ ଦରକାର ଜମିଦାରୀ ପ୍ରଥା ଲୋପ—ଏହି କଥାର ମାମଲାର ... ଯଦି ସବୁ ରକ୍ଷା ହେବ ଜମିରୁ ଅଛନ୍ତି ତେବେ ବହୁ ଲୋକ ... ହୋଇ ...ରନ୍ତି—କେବଳ ପଟିଅର ଲୋକେ, ତାହାଙ୍କ ଓଡ଼ିଶାର ଜନସାଧାରଣ ମଧ୍ୟ ଉପକୃତ ହୁଅନ୍ତେ ।

ଓଡ଼ିଶା ସରକାରୀ—ଭାରି ଭଲେ ହାତ ଲଗାଇ ସାର ୧୨ ହଜାର ଲୋକ—ଠିକ ଗୋଟିଏ ଜଦବସ ... ଓଡ଼ିଶା ।

ଓଡ଼ିଶାର ସରକାରୀ ... ହେଲେ, ... ର ବାର ହଜାର ଲୋକଙ୍କୁ ସହଜ ରେ ରହିବାକୁ ହେଲେ ... କରିବା ଅତି ଜରୁରୀ ।

ଏ ଧାରା ସଙ୍ଗରେ ଅଛି ପଟିଅର ଚିତ୍ର, ... ଓ ... ଦେଉଛୁ ।

ପଟିଆ ବନ୍ଧର ଆୟ ବ୍ୟୟ

ପଟିଆ ବାସିନ୍ଦାଙ୍କଠାରୁ ଏକର ପିଛା ଟ ୨୮ ହିସାବ ଆଦାୟ	ଟ ୪୭୩୫।/
ସରକାରଙ୍କ	ଟ ୬୦୦୦୵
ଜମିଦାର ଠିକାଦାର	ଟ ୧୦୦୦୵
	ଟ ୧୧୭୩୫।/
ଏବେଯାଏ ଖର୍ଚ୍ଚ	ଟ ୮୭୩୫।/
ବାକି	ଟ ୩୦୦୦୵